# ପିଲାଙ୍କ ଧରିତ୍ରୀ

ଶନିବାର ,୦୧ ଜୁଲାଇ, ୨୦୨୩






# ବିପଦ ବେଳର ବନ୍ଧୁ

## ଗପ

ଆମ ଗାଆଁରେ ବୁଢ଼ୀଟିଏ ଥିଲା। ବୁଢ଼ୀଟିର ପରିବାର କହିଲେ,ଦୁଇଟି ଛେଳି ଓ ଛେଳିର ଚାରୋଟି ଛୋଟ ଛୋଟ ଛୁଆ। ଘର ପଛ ପଟେ ଥିବା ବାଡ଼ିରେ ବଡ଼ ବଡ଼ ଚାକୁଣ୍ଡା, ଆମ୍ବ, ବେଲ, ପଣସ, ନଡ଼ିଆ, ତାଳ ଇତ୍ୟାଦି ଗଛ କେଉଁ କାଳରୁ ଠିଆ ହୋଇଛନ୍ତି। ଗଛରେ ସବୁଦିନ ମାଙ୍କଡ଼ମାନେ ଆସି ରୁହନ୍ତି। ବୁଢ଼ୀର କାଳେ ପରିବା ଖାଇଯିବେ ବୁଢ଼ୀ ପ୍ରଥମେ ପ୍ରଥମେ ସେମାନଙ୍କୁ ଘଉଡ଼ାଇ ଦେଉଥିଲା। ହେଲେ ସେମାନେ ବୁଲି ବୁଲି ଆସି ପୁଣି ସେଇ ଗଛରେ ରୁହନ୍ତି କିନ୍ତୁ ବୁଢୀର ଫସଲକୁ ଆଦୌ ନଷ୍ଟ କରନ୍ତି ନାହିଁ। ତେଣୁ ଧିରେ ଧିରେ ସେମାନେ ବି ବୁଢୀର ପରିବାର ସଦସ୍ୟ ଭଳି ରହିବାକୁ ଲାଗିଲେ। ସେହି ବାଡିରେ ବୁଢ଼ୀ ଛେଳିମାନଙ୍କୁ ଛାଡ଼ି ଦେଇ କିଛି ଶାଗ, ଟମାଟୋ, କୋବି, ଜହ୍ନି ଇତ୍ୟାଦି ପରିବା ଲଗାଏ। ସେହି ପରିବା ବିକି ସେଥିରୁ ଯାହା ଆୟ ହୁଏ ବୁଢ଼ୀ ସଉଦାପତ୍ର ଦୋକାନରୁ ଆଣି ଚଳି ଯାଏ।

ଦିନେ ବୁଢ଼ୀକି ଜ୍ୱର ହେଲା। ଗାଆଁ ଲୋକ ଡାକ୍ତର ପାଖକୁ ଯାଇ ଔଷଧ ଆଣି ଦେଲେ। ହେଲେ ବୁଢ଼ୀ ଆଉ ଉଠି ବସିପାରିଲା ନାହିଁ। ବିଚରା ଛେଳିମାନଙ୍କୁ କିଏ ଖାଇବାକୁ ଦେବ। ବୁଢ଼ୀ ସିନା ଡାଳପତ୍ର ଭାଙ୍ଗି ଖାଇବାକୁ ଦିଏ। ଏଇ ଚିନ୍ତାରେ ବୁଢ଼ୀ ଦୁଃଖରେ ଖାଲି ଚାହିଁ ଥାଏ। ଛେଳିମାନେ ବାରିରେ ଯାଇ ମେଁ ମେଁ ହେବାରୁ ମାଙ୍କଡମାନେ କ'ଣ ବୁଝନ୍ତି କେଜାଣି, ଗଛ ଡାଳ ଭାଙ୍ଗି ଛେଳିମାନଙ୍କୁ ଖାଇବାକୁ ଦିଅନ୍ତି। ଛେଳିମାନେ ପେଟ ପୂରା ଖାଇ ଗୁହାଳ ଭିତରେ ଆସି ଶୁଅନ୍ତି। ବୁଢ଼ୀ ଝରକା ବାଟେ ସବୁ ଦେଖେ। କିଛି ଦିନ ପରେ ବୁଢ଼ୀ ଭଲ ହୋଇଗଲା। ଚଲାବୁଲା କଲା। ବୁଢ଼ୀ ମନେମନେ ଭାବିଲା ମୋର ସିନା କେହି ନାହାନ୍ତି ବୋଲି ଭାବୁଥିଲି, ହେଲେ ଆଜି ଜାଣିଲି ମୋର ସମସ୍ତେ ଅଛନ୍ତି। ସେଇଦିନଠାରୁ ବୁଢ଼ୀ ଛେଳିମାନଙ୍କୁ ଯେମିତି ସ୍ନେହ କରେ, ମାଙ୍କଡ଼ମାନଙ୍କୁ ମଧ୍ୟ ଡାକି ଖାଇବାକୁ ଦିଏ। ବୁଢ଼ୀ ବୁଝିଲା ମାଙ୍କଡ଼ ପଶୁ ହେଲେ କ'ଣ ହେଲା ମୋର ବିପଦ ବେଳେ ତ ଠିଆ ହେଲେ। ନ ହେଲେ ଏ ଛେଳିମାନଙ୍କୁ ମୋର କିଏ ଖାଇବାକୁ ଦେଇ ଥାଆନ୍ତା। କଥାରେ ପରା ଅଛି ବିପଦ ବେଳର ବନ୍ଧୁ ହେଉଛି ପ୍ରକୃତ ବନ୍ଧୁ।

– ତପନ କୁମାର ସ୍ୱାଇଁ
ଅଇବିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର
ମୋ: ୯୦୪୦୦୩୩୩୯୦

## ଖିଲି ଖିଲି ହସ

ମିଣ୍ଟୁ : ଆରେ ଭାଇ ଚିଣ୍ଟୁ ତୋ ସାଇକେଲ୍ ଆଜି ମୋତେ ଟିକେ ଦବୁ।
ଚିଣ୍ଟୁ: ନା, ଦେଇପାରିବିନି।
ମିଣ୍ଟୁ: ଚିଣ୍ଟୁ, ତୁ ଯଦି ତୋ ସାଇକେଲ୍ ମୋତେ ଦବୁନି ତେବେ ମୋ ମନ ଖଟା ହୋଇଯିବ।
ଚିଣ୍ଟୁ: ତେବେ ଚିନି ଟିକେ ନେଇ ଖାଇଦେ।

ପିଲାଟିଏ ଡାକ୍ତରଙ୍କୁ କହିଲା–ସାର୍ ଆପଣ ଆମ ଗାଁରେ ହେଉଥିବା ଭୋଜିକୁ ଆସିଲେନି ?
ଡାକ୍ତର: ନ ଆସିଲି ଭଲ ହେଲା।
ପିଲା: କାହିଁକି ?
ଡାକ୍ତର: ଭୋଜି ଖାଇ ଫେରିଥିବା ଲୋକଙ୍କୁ କିଏ ଚିକିତ୍ସା କରିଥାନ୍ତା।

ଛେଳିଟିଏ କଂସେଇଖାନାକୁ ଯାଉଥିବା ସମୟରେ ମେଁ ମେଁ ବୋବାଉଥିଲା। ଏହା ଦେଖି ପିଲାଟିଏ ପଚାରିଲା –ଛେଳି କାହିଁ ଜୋର୍‌ରେ ରଡି ଛାଡୁଛି ?
କଂସେଇ: ମୁଁ ତାକୁ କଂସେଇଖାନାକୁ ନେଇ ଯାଉଛି ତ ସେଥିପାଇଁ ଚିଲଉଛି।
ପିଲା–ମୁଁ ଭାବିଲି ତାକୁ ସ୍କୁଲ୍‌କୁ ନେଇକି ଯାଉଛ !

# କୁନି ମଡେଲ

## ଶିଶୁ ପ୍ରତିଭା



ହସିଖେଳି ସମୟ କଟେଇବା ବୟସରେ ସେ କିନ୍ତୁ ସଫଳତାର ଶିଡ଼ି ଚଢ଼ିବାରେ ଲାଗିଛନ୍ତି। ଏତେ କମ୍ ବୟସରୁ ସେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଭଳି ଜଣେ ଶିଶୁ ପ୍ରତିଭା ହେଉଛନ୍ତି ଦିବ୍ୟାଂଶୀ ପଣ୍ଡା। ଦୃଢ଼ ଇଚ୍ଛାଶକ୍ତି ଓ ପରିଶ୍ରମ ବଳରେ ଏବେ ସେ ପାଲଟିଛନ୍ତି ଜାତୀୟ ସ୍ତରର ଜଣେ ମଡେଲ।

ଭୁବନେଶ୍ୱରର ପାତ୍ରପଡ଼ାରେ ଥିବା ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ରୀ ହେଉଛନ୍ତି ଦିବ୍ୟାଂଶୀ। ବାପା ପବିତ୍ର ପଣ୍ଡା ଜଣେ ବ୍ୟବସାୟୀ ଏବଂ ମାଆ ମିନତୀ ହେଉଛନ୍ତି ଗୃହିଣୀ। ଛୋଟବେଳରୁ ଦିବ୍ୟାଂଶୀଙ୍କର ଗ୍ଲାମର ଦୁନିଆ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଥିଲା। ସେଥିପାଇଁ ତ ମଡେଲିଂରେ କ୍ୟାରିୟର ଆରମ୍ଭ କରି ଖୁବ୍‌ଶୀଘ୍ର ସଫଳତା ହାସଲ କରିପାରିଛନ୍ତି। ବିଭିନ୍ନ ସ୍ଥାନରେ ହେଉଥିବା ମଡେଲିଂ ପ୍ରତିଯୋଗିତାରେ ସେ ସଫଳ ହୋଇ ନିଜ ପ୍ରତିଭାର ପରିଚୟ ଦେଇ ସାରିଛନ୍ତି। କିନ୍ତୁ ଏବେ ସେ ମଡେଲଭାବେ ସ୍ଥାନପାଇଛନ୍ତି ଅବିକା କ୍ୟାଲେଣ୍ଡରରେ, ଯାହାକି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଏହା ପୂର୍ବରୁ ସେ ମିଷ୍ଟର/ମିସ୍/କିଡ୍ସ କଳିଙ୍ଗ ୨୦୨୨ରେ ଅଂଶଗ୍ରହଣ କରି ମିସ୍ ଫଟୋଜେନିକ୍ ହୋଇପାରିଥିଲେ।

ଜାତୀୟ ସ୍ତରରେ ମଧ୍ୟ ସେ ଏଏସ୍‌ଏ ପକ୍ଷରୁ ଆୟୋଜିତ କିଡ୍ସ ଇଣ୍ଡିଆ ୨୦୨୩ରେ ବେଷ୍ଟ ର୍‌ୟାମ୍ପ ୱାକ୍ କରି ଟପ୍ ମଡେଲ ବିଜେତା ହୋଇଛନ୍ତି। ଏହା ବ୍ୟତୀତ ଗଞ୍ଜାମ ରନ୍‌ୱେ ୱିକ୍, ଭୁବନେଶ୍ୱର ରନ୍ ୱେ, ଫ୍ୟାଶନ୍ ଇସ୍ୟୁ, ଓଡ଼ିଶା ରନ୍ ୱେ ରେ ଭାଗ ନେଇ ସେ ଫ୍ୟାଶନ୍ ଜଗତରେ ନିଜର ଉପସ୍ଥିତି ଜାହିର କରିପାରିଛନ୍ତି।

## ମତାମତ

➲ ଏଥର 'ଗପ' ସ୍ତମ୍ଭରେ ପ୍ରକାଶିତ 'ଗଛ ଆମର ଅମୂଲ୍ୟ ସମ୍ପଦ' ପଢ଼ି ଅନେକ କଥା ଜାଣିହେଲା।

–ସୁକାନ୍ତ ସାହୁ, ନୟାଗଡ଼

➲ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡ଼ିକ ସୁନ୍ଦର ଲାଗୁଛି।

–ବିବେକ ଦାସ, କଟକ

➲ ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶ ପାଇଥିବା ଚିତ୍ରଗୁଡ଼ିକ ଭଲ ହୋଇଛି।

–ମୋନାଲିସା ରାଉତ, ଢେଙ୍କାନାଳ

➲ ଗତ ସପ୍ତାହରେ 'କବିତା' ସ୍ତମ୍ଭରେ ପ୍ରକାଶିତ କବିତାଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇପାରିଛି।

–ସୁନୟନା ମହାନ୍ତି, ସୁନାବେଡ଼ା

➲ 'କହିଲ ଦେଖି' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି।

–ମାମୁନି ସାହୁ, ବ୍ରହ୍ମପୁର

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ସୁସ୍ଥ ରହିବା ଲାଗି ନିଦ୍ରାର ଆବଶ୍ୟକତା ରହିଛି। ପିଲାଟିଏ ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୋଇବା ଦରକାର। ସାଧାରଣତଃ ପିଲାମାନେ ପାଠପଢ଼ାକୁ ନେଇ ଅଧିକ ସଚେତନ ଥାନ୍ତି । ଏହାସହ ଖାଦ୍ୟପେୟ, ନିଦ୍ରା ପ୍ରତି ମଧ୍ୟ ଦୃଷ୍ଟି ଦେବା ଆବଶ୍ୟକ। କେତେକ ପିଲା ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପାଠ ପଢ଼ନ୍ତି । ସମୟକ୍ରମେ ଏହାର ପ୍ରଭାବ ସେମାନଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ତେଣୁ ସେମାନେ ରାତିରେ ଆବଶ୍ୟକ ମୁତାବକ ଶୋଇବା ଦରକାର...



# ପିଲା ଓ ସୁନିଦ୍ରା

## ଦୁଇଘଣ୍ଟା ପୂର୍ବରୁ ରାତ୍ର ଭୋଜନ

ରାତିରେ ଶୋଇବାର ପାଖାପାଖି ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କଲେ ଭଲ। କାରଣ ଏହାଦ୍ୱାରା ପାଚନକ୍ରିୟା ସକ୍ରିୟ ରହିଥାଏ। ବିଳମ୍ବ ଭୋଜନ ଏବଂ ଶୟନ ଯୋଗୁ ନିଦ୍ରା ପ୍ରଭାବିତ ହୁଏ। ତେଣୁ ପିଲାମାନେ ଏ ନେଇ ସଚେତନ ରହିବା ଆବଶ୍ୟକ।

## ଉଷୁମ କ୍ଷୀର

ରାତିରେ କ୍ଷୀର ପିଇବା ପିଲାଙ୍କ ପାଇଁ ବେଶ୍ ଉପକାରୀ। ରାତ୍ରଭୋଜନ ପରେ ସେମାନେ ଯଦି ଉଷୁମ କ୍ଷୀର ପିଅନ୍ତି ତେବେ ତାହା ସେମାନଙ୍କ ପାଇଁ ଲାଭଦାୟକ ହୋଇଥାଏ। ଉଷୁମ କ୍ଷୀରରେ ଟ୍ରିପ୍ଟୋଫ୍ୟାନ୍ ନାମକ ରାସାୟନିକ ତତ୍ତ୍ୱ ରହିଛି। ଏହା ସୁନିଦ୍ରା ପାଇଁ ଯଥେଷ୍ଟ ସହାୟକ ହୋଇଥାଏ। ତେଣୁ ରାତିରେ ଉଷୁମ କ୍ଷୀର ପିଇବା ଅଭ୍ୟାସ ପରିଣତ କଲେ ଭଲ।

## ପାଣି

ସାଧାରଣତଃ ପିଲାମାନେ ପାଣି ପିଇବାରେ ଏପଟ ସେପଟ କରିଥାଆନ୍ତି। ତେଣୁ ସେମାନେ ଏଭଳି ଅଭ୍ୟାସ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ସେମାନଙ୍କର ପାଚନ କ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଖାଦ୍ୟ ଖାଇବା ସହ ସେମାନେ ଆବଶ୍ୟକ ମୁତାବକ ପାଣି ପିଇବା ଦରକାର। ଦିନରେ ଅଧିକ ପରିମାଣରେ ପାଣି ପିଉଥିବା ବେଳେ ରାତିରେ ସେହି ତୁଳନାରେ କମ୍ ପିଅନ୍ତୁ। ଖାଦ୍ୟ ଖାଇବା ସହ ପାଣି ପିଇଲେ ତାହା ସହଜରେ ହଜମ ହେବା ସହ ନିଦ ମଧ୍ୟ ଭଲ ହୋଇଥାଏ।

## ଖେଳକୁଦ

ପିଲା ତା' ସାଙ୍ଗସାଥୀଙ୍କ ସହ କିଛି ସମୟ ଆଉଟ୍‌ଡୋର ଗେମ୍ ଖେଳିବା ଆବଶ୍ୟକ। ଏହାଦ୍ୱାରା ପିଲାକୁ ରାତିରେ ଭଲ ନିଦ ହୋଇଥାଏ। ଦିନ ମଧ୍ୟରେ ସାଇକେଲିଂ ଏବଂ ଜଗିଙ୍ଗ ଆଦି କରିବା ଆବଶ୍ୟକ । ଏହାଦ୍ୱାରା ପିଲା ନିଜର ପାଠପଢ଼ା ସାରି ରିଲାକ୍ସ ହୋଇ ଶୋଇଥାଏ।

## ଶାନ୍ତ ବାତାବରଣ

ପିଲାମାନେ ଯେଉଁ ଘରେ ଶୋଉଛନ୍ତି ସେଠାକାର ବାତାବରଣ ଶାନ୍ତ ରହିବା ଦରକାର। କାରଣ ଏହାଦ୍ୱାରା ତାଙ୍କୁ ଭଲ ନିଦ ହୋଇଥାଏ। ରାତିରେ ଶୋଇବାକୁ ଯିବା ପୂର୍ବରୁ ସେମାନେ ଟିଭି କିମ୍ବା ମୋବାଇଲ୍ ନ ଦେଖିବା ଭଲ। କାରଣ ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସେମାନେ ଶୋଇବା ସମୟରେ ଜିରୋ ଲାଇଟ୍ ଜଳିବା ଆବଶ୍ୟକ। ଏହାଦ୍ୱାରା ନିଦ ଭଲ ହୋଇଥାଏ।

## ନିଦ ନ ଆସିଲେ

ରାତିରେ ଶୋଇବା ସମୟରେ ଯଦି ନିଦ ଆସୁନି ତେବେ ଶିକ୍ଷଣୀୟ କାହାଣୀ ଶୁଣନ୍ତୁ। ଶୋଇବା ସମୟରେ ହାଲ୍‌କା କପଡା ପିନ୍ଧିବା ସହ ମନକୁ ଶାନ୍ତ ରଖନ୍ତୁ। ବିଶେଷ ଭାବରେ ଶୋଇବା ପୂର୍ବରୁ ହାତଗୋଡ ଭଲ ଭାବରେ ଧୋଇ ଶୋଇବାକୁ ଗଲେ ଭଲ ନିଦ ହୋଇଥାଏ।



## ଏମାନେ କ'ଣ କରନ୍ତି...

### ସବୁବେଳେ ଠିକ୍ ସମୟରେ ଶୁଏ

କେବଳ ପାଠ ପଢ଼ିଲେ ହେବ ନାହିଁ, ବର୍ତ୍ତମାନ ନିଜ ଶରୀର ପ୍ରତି ଯତ୍ନବାନ ହେବାକୁ ପଡିବ। ଏଥିପାଇଁ ପ୍ରତିଦିନ ରାତିରେ ଠିକ୍ ସମୟରେ ଶୁଏ। ସନ୍ଧ୍ୟାରେ ଟିଫିନ୍ କରିବା ପରେ ପାଠ ପଢ଼େ। ଠିକ୍ ସାଢ଼େ ନଅଟାରୁ ଦଶଟା ଭିତରେ ଡିନର କରେ। ତା' ପରେ ଶୋଇବାକୁ ଯାଏ। ଶୋଇବାକୁ ଯିବା ପୂର୍ବରୁ ମନକୁ ଶାନ୍ତ ରଖିଥାଏ। କାରଣ ଏହାଦ୍ୱାରା ଭଲ ନିଦ ହୁଏ। ଶୋଇବା ଆଗରୁ କେବେ ଟିଭି କିମ୍ବା ମୋବାଇଲ୍ ଦେଖେନି।



**-ପ୍ରଭୁଚୈତନ୍ୟ ଦାଶ,**
**କ୍ଲାସ-୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଜଗନ୍ନାଥପୁର,ଜଗତ୍‌ସିଂହପୁର**

### ସଫାସୁତର ହୋଇ ଶୋଇବାକୁ ଯାଏ

ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଗୋଡ଼ହାତ ଭଲ ଭାବରେ ଧୁଏ। ବିଛଣାକୁ ଯିବାର ପାଖାପାଖି ଘଣ୍ଟାଏ ପୂର୍ବରୁ ଡିନର ଖାଏ। ଶୋଇବା ପୂର୍ବରୁ ବିଛଣା ଉପରେ ଠାକୁରଙ୍କୁ ପ୍ରାର୍ଥନା କରିଥାଏ। ଏହାଦ୍ୱାରା ମୋତେ ଭଲ ନିଦ ହୋଇଥାଏ। ପ୍ରତିଦିନ ସକାଳୁ ରାତିରେ ଶୋଇବା ପର୍ଯ୍ୟନ୍ତ କେତେବେଳେ କ'ଣ କରିବି ତାହାର ଏକ ରୁଟିନ୍ ପ୍ରସ୍ତୁତ କରିଛି। ତାହାକୁ ସବୁବେଳେ ଅନୁସରଣ କରିଥାଏ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇଥାଏ। ଯଦି ଠିକ୍ ସମୟରେ ଖାଇବା ଶୋଇବା ନ ହୁଏ ଏହାର ପ୍ରଭାବ ଆମ ଶରୀର ଉପରେ ପଡ଼ିବ। ତେଣୁ ଏସବୁ ଲାଗି ସବୁବେଳେ ସଚେତନ ଥାଏ।



**-ଶୁଭଲକ୍ଷ୍ମୀ ଜେନା, କ୍ଲାସ-୬,**
**ଶ୍ରୀ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,ପାଣ୍ଡରା,ଭୁବନେଶ୍ୱର**





୧



୨



୩







୪





୫



୬

୭



୮



୧

**ଉଦିରନ୍ ଆଚାର୍ଯ୍ୟ**
କ୍ଲାସ– ୪, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର

**ଶ୍ରୀୟାଂଶ ସାମଲ**
କ୍ଲାସ– ୩, ସେଣ୍ଟ ଜାଭିୟର୍ସ ଇଣ୍ଟର ନ୍ୟାସନାଲ ସ୍କୁଲ, ସତ୍ୟନଗର, ଭୁବନେଶ୍ୱର

୨





୩

**ଦିବ୍ୟାଂଶୀ ମିଶ୍ର**
କ୍ଲାସ– ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାକଟପୁର, ପୁରୀ

**ସାଇଅଂଶ୍ ପଟ୍ଟନାୟକ**
କ୍ଲାସ– ୪, ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲ, ରସୁଲଗଡ, ଭୁବନେଶ୍ୱର

୪






୫

**ପ୍ରକୃତି ମହାପାତ୍ର**
କ୍ଲାସ– ୪, ଶ୍ରୀମତି ସୁନୀତି ଦେବୀ ସିଂହାନିଆ ସ୍କୁଲ, ଥାନେ, ମହାରାଷ୍ଟ୍ର

**ଏନ୍. ଜିଜ୍ଞାସା**
କ୍ଲାସ–୩, କାର୍ମେଲ ଇଂଲିଶ୍ ମିଡିୟମ୍ ସ୍କୁଲ, ଫୁଲବାଣୀ, କନ୍ଧମାଳ

୬





୭

**ଦୀକ୍ଷା ଦେବାଂଶୀ ବରାଳ**
କ୍ଲାସ–୫, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର

**ଶ୍ରେୟସ ନାଥ**
କ୍ଲାସ–୮, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ, ସତ୍ୟଭାମାପୁର, ଭୁବନେଶ୍ୱର

୮



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଆଇସ୍କ୍ରିମ୍ ମାରାଥନ

ରେକର୍ଡ କରିବା ପାଇଁ କେତେକ ବାରମ୍ବାର ଅଭ୍ୟାସ କରି ଚାଲନ୍ତି। କିନ୍ତୁ ଏମିତି ବି କେତେକ ଅଛନ୍ତି ଯେଉଁମାନେ ଜାଣି ନ ଥାନ୍ତି, କିନ୍ତୁ ଆପେ ଆପେ ସେମାନେ ରେକର୍ଡର ଅଧିକାରୀ ହୋଇଯାନ୍ତି। ଠିକ୍ ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆମେରିକାର ସ୍କଟ୍ ୱେଲ୍ସ ଓ ତାଙ୍କ ବନ୍ଧୁ ଆଲାନ୍ ଫଲେ। ଆଇସ୍କ୍ରିମ୍ ଡ୍ରେସ ପିନ୍ଧି ସେମାନେ ୨୦୨୨ କିଲୋମିଟର ମାରାଥନ ଅତିକ୍ରମ କରି ଗିନିଜ୍ ରେକର୍ଡ କରି ପାରିଛନ୍ତି।

ସ୍କଟ୍ ୱେଲ୍ସ ଓ ତାଙ୍କ ବନ୍ଧୁ ଆଲାନ୍ ଫଲେ ଆମେରିକାର ନିୟୁ ଜର୍ସିକୁ ଖରାଛୁଟିରେ ବୁଲିବାକୁ ଯାଇଥିଲେ। ସେହିଠାରେ ହିଁ ସେମାନେ ମାରାଥନ ଚ୍ୟାଲେଞ୍ଜକୁ ଗ୍ରହଣ କରିଥିଲେ। ତେବେ ଚ୍ୟାଲେଞ୍ଜ ଅନୁସାରେ ସେମାନେ ଉଭୟ ମିଶି ମାରାଥନ ପୂରା କରିବା ପାଇଁ ୨୦୨୨ ମସିହା ଅକ୍ଟୋବର ୨ ତାରିଖରେ ୨୦୨୨ କିଲୋମିଟର ଦୌଡିଥିଲେ। କିନ୍ତୁ ସେମାନଙ୍କ ମାରାଥନର ଭିନ୍ନତା ଥିଲା ସେମାନେ ଆଇସ୍କ୍ରିମ ଆଉଟ୍‌ଫିଟ୍ ପିନ୍ଧିଥିଲେ। ଏମିତି ଏକ ଭିନ୍ନ ପୋଷାକରେ ମାରାଥନ କରି ସେମାନେ ସଚେତନତା ସୃଷ୍ଟି କରିବାକୁ ଚାହୁଁଥିଲେ। ତେବେ ଏହି ମାଧ୍ୟମରେ ଯାହା ବି ଅର୍ଥ ମିଳିଥିଲା ତାହା ଏକ ଦାତବ୍ୟ ଅନୁଷ୍ଠାନ ମାଧ୍ୟମରେ ଗରିବ ପିଲାମାନଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରଦାନ କରାଯାଇଥିଲା। ମାରାଥନରେ ଏଭଳି ରେକର୍ଡ କରିଥିବା ଦୁଇବନ୍ଧୁଙ୍କ ମଧ୍ୟରୁ ଆଲାନ ପୂର୍ବରୁ ମାରାଥନରେ ଭାଗ ନେଇଥିବାବେଳେ ସ୍କଟ କିନ୍ତୁ ପ୍ରଥମ ଥର ମାରାଥନରେ ଭାଗ ନେଇଥିଲେ।

## ଏଥରର

- ବାୟୁରେ କେଉଁ ଗ୍ୟାସ୍‌ର ପରିମାଣ ଅଧିକ ?
- ପୃଥିବୀର ପବିତ୍ର ଦେଶ ?
- ବଜ୍ରପାତର ଦେଶ ?
- କେଉଁ ତିଥିରେ ସୂର୍ଯ୍ୟୋପରାଗ ହୁଏ ?
- କେଉଁ ଗ୍ୟାସ୍ ଯୋଗୁ ତାପମାତ୍ରା ବଢ଼େ ?

## ଉ ତ୍ତ ର

## ଗତଥରର



- ହାତୀ
- ତିମି ମାଛ
- ଦାଦାଭାଇ ନାରୋଜୀ
- ଗୌତମ ବୁଦ୍ଧ
- ଆଶୁତୋଷ ମୁଖାର୍ଜୀ



## କ ବି ତା

## ବର୍ଷା ଆସିଛି

ଆକାଶେ ଭାସଇ କଳା ବାଦଲ
ବାଦଲକୁ ଦେଖି ନାଚେ ମୟୂର
ବରଷା, ବାଦଲ ଢାଙ୍କନ୍ତି ଆକାଶ
ସୂରୁଜ ଦେଖିବା ସପନ ହୁଏ।
ଗଛ ଲତା ସବୁ ଉଠନ୍ତି ହସି
ସବୁଜ ପତରେ ଯାଏ ଝଲସି
ହଳ ଓ ଜୁଆଳି କାନ୍ଧରେ ପକାଇ
ଚାଷୀ ଭାଇ ତା'ର ବିଲକୁ ଯାଏ।
ନଈ ବଢ଼ି ଯେବେ ହୁଅଇ ଘାଇ
ବିଲର ଫସଲ ନିଅଇ ଧୋଇ
ବନ୍ୟା ପାଣି ପଶି ଗାଆଁ ସହରରେ
ବହୁ ଧନ ଆଉ ଜୀବନ ନିଏ।
ଏହି କଥା ଅବା ନ ଜାଣେ କିଏ
ଯାହାକୁ ପଚାର କହିବ ସିଏ
ବର୍ଷା ଋତୁ ଏବେ ଧରାକୁ ଆସିଛି
ସେଥିପାଇଁ ପରା ଏସବୁ ହୁଏ।

**– ସତ୍ୟବ୍ରତ ସାହୁ**
କମାଳପୁର, ଅହିୟାସ, ଯାଜପୁର
ମୋ: ୯୩୩୮୧୬୫୬୧୯

## ଝରି ଯାଆରେ ବରଷା

ଝିପିଝିପି ଝରି ଯାଆରେ ବରଷା
ନିଦାଘ ବିଦାୟ ପରେ
କାଗଜଡଙ୍ଗାଟି ଭସେଇବେ ପିଲେ
ନ ରହି ଆଉ ସେ ଘରେ।
କୃଷକ ଭାଇଟି ଚାତକର ପରି
ଚାହିଁ ରହିଛି ତୋ ବାଟ
ଆସିଲେ ଦେଖିବୁ ଏଠାରେ କେମିତି
ମୟୂର କରୁଛି ନାଟ।
ସବୁରି ମନରେ ଆଶାର ସଞ୍ଚାର
କରିଦେଇ ତୁହି ଯାଆ
ଆସିଲେ ଦେଖିବୁ ଛତା ଆଉ ଛତୁ
ନଈରେ ଚାଲିବ ନାଆ।
ତୋ'ଠାରେ ରହିଛି ପର ଉପକାର
ପରି ଭଲ ଗୁଣଟିଏ
ଏ ଭଲଗୁଣଟି ତୋଠାରୁ ଶିଖିବେ
ଉତ୍ତମ ମଣିଷ ଯିଏ।
ଧରାର ଭରସା ଆ'ରେ ବରଷା
ଝିପିଝିପି ଯାଆ ଝରି
ବରଷରେ ସିନା ଅଛି ଛଅଋତୁ
କେହି ନୁହଁ ତୋ'ର ସରି।

**– ନୀଳମଣି ଚାନ୍ଦ**
ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

## ॥ ଯତନେ ପୋତିବା ଗଛ ॥

ବେଗି ବେଗି ଚାଲି ଆସ
ନ ଭାବି କି' ଆଗପଛ
ଟାଙ୍ଗରା ଭୂଇଁରେ ମିଳିମିଶି ଆମେ
ଯତନେ ପୋତିବା ଗଛ।
ଗଛଲତା ବିନା ପ୍ରକୃତି ରାଣୀଟା
ଦିଶୁଛି ଶ୍ରୀହୀନ ଆଜି
ଅଂଶୁମାନଙ୍କର ଅନଳ ଝାସରେ
ଦେହଟା ଯାଉଛି ସିଜି।
ଏ ବିଶ୍ୱ ବ୍ରହ୍ମାଣ୍ଡେ ବୃକ୍ଷଲତା ଅଟେ
ଆମ ସଭିଙ୍କର ମିତ
ଜଗତ କଲ୍ୟାଣେ ଜୀବନ ସମର୍ପି
ଚାହୁଁଥାଏ ସଦା ହିତ।
ଅଜାଡ଼ି ଦିଏ ସେ ଫୁଲ, ଫଳ, ଛାଇ
ହସି ଦେଇ ଖିଲି ଖିଲି
ତା' ବିନା ସୃଷ୍ଟିଟା ପୂରା ଟଳମଳ
ଏକଥା ଯାଅନି ଭୁଲି।



ମନଧ୍ୟାନ ଦେଇ ଶୁଣ ପିଲାମାନେ
ମୋର ଏଇ ଛୋଟ କଥା
ବାଡ଼ି ବଗିଚାରୁ ନାନା ଚାରା ଆଣି
ପୋତ ଉଚ୍ଚା କରି ମଥା।
ଲଗାଇଲେ ଗଛ ସବୁଜିମା କୋଳେ
ବିହଙ୍ଗ ଗାଇବ ଗୀତ
ନୀଳ ଆକାଶରୁ ଝରିବ ବରଷା
ହସିବ ସୁନାର କ୍ଷେତ।

**– ରାମଚନ୍ଦ୍ର ପ୍ରଧାନ**
ସାନ୍ତରାପଲ୍ଲୀ, ନୂଆଁଗାଁ, ଗଞ୍ଜାମ
ମୋ : ୯୮୬୧୬୩୮୭୩୬

## କହିଲ ଦେଖି

ଆକାଶରୁ ଖସି ପଡ଼େ ମହୀ ଉପର
ଦେଖିବାକୁ ସେ ଧୋବ ଫରଫର
ମେଘରୁ ଜନମ ଦେହ ତା' ଶୀତଳ
ନିମିଷକେ ମରି ହୁଏ ସିଏ ଲୀନ।
ଆସିଲାବେଳେ ନଭେ ଶୁଭେ ଗର୍ଜନ
ସତେ ଯୁଦ୍ଧ ଲାଗି ଥାଏ।
ପିଲାଏ ଖୁସିରେ ନିଅନ୍ତି ଗୋଟେଇ
କେ ଜାଣିଛ ତାକୁ ଦିଅ ନାମ ବତେଇ।



**ଉତ୍ତର– କୁଆପଥର**

ମେଘ ସାଙ୍ଗେ ସିଏ ଲୁଚି ରହିଥାଏ
ନୁହେଁ ବୋମା, ଗୁଳିଗୋଳା ଅବା ଧନୁତୀର
ଜଣା ପଡ଼େ ନାହିଁ ସିଏ କେଉଁ ପ୍ରକାରର
କେବେ ପୋଡ଼େ ଗଛ ପୁଣି ଆଉ କା'ର ଘର
ବାଟେ ଥିଲେ ପ୍ରାଣ ନିଏ ବାଟୋଇର
କେ କହିପାରିବ ନାମଟି ତାହାର ?



**ଉତ୍ତର– ବଜ୍ରବାଣ**

ଆକାଶରେ ଘୋଟି ଆସେ
ଭେଳା ଭେଳା ହୋଇ
ନିମିଷକେ ଦିଏ ପୁଣି ସୂର୍ଯ୍ୟଙ୍କୁ ଘୋଡ଼େଇ
ଶିଖୀ ଦେଖି ନାଚୁଥାଇ ପୁଛକୁ ହଲେଇ
ବେଶି ଖୁସି ଚଷା ହୁଏ, ଯେବେ ସେ ଆସଇ
ନ ଆସିଲେ ଧରାକୁ ସେ ନ ରହିବେ କେହି
ଜାଣିଛ କି ପିଲେ ଦିଅ ତା'ର ନାମ କହି ?



**ଉତ୍ତର– ମେଘ**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, ଢେଙ୍କାନାଳ
ମୋ: ୯୯୩୮୦୨୪୧୨

## ଜଣା ଅଜଣା



# ଲାଞ୍ଜ ଥିବା ତାରା

ନିକୁଞ୍ଜ ବିହାରୀ ସାହୁ

ସନ୍ଧ୍ୟା ବେଳ । ମୁନା ସେଦିନ ପଦାରେ ବସି ଆକାଶରେ ତାରା ଦେଖୁଥିଲା । ଆକାଶରେ ହଠାତ ଏକ ବିଚିତ୍ର ଦୃଶ୍ୟ ଦେଖି ସେ ଚମକି ପଡିଲା । ସେ ଦେଖିଲା ଆକାଶରେ ଏକ ଅଦ୍ଭୁତ ତାରା ଦେଖାଯାଉଛି । ସାଧାରଣ ତାରାସବୁ ଆକାରରେ ଗୋଲ ଦେଖା ଯାଉଥିଲାବେଳେ ସେ ତାରାଟି କିନ୍ତୁ ଲମ୍ୱାଳିଆ ଦେଖା ଯାଉଥିଲା । ଏପରି ବିଚିତ୍ର ତାରା ସେ ଆଗରୁ କେବେ ଦେଖି ନଥିଲା । ସେ ଡରିଯାଇ ବାପାଙ୍କୁ ଡାକ ପକେଇଲା । ତା' ଡାକ ଶୁଣି ବାପା ଖବରକାଗଜ ପଢ଼ା ଛାଡି ଦଉଡି ଆସିଲେ । ସେ ଘଟଣା କ'ଣ ବୋଲି ପଚାରିବାରୁ ମୁନା କହିଲା ଯେ ସେ ଆକାଶରେ ଏକ ଅଦ୍ଭୁତ ତାରା ଦେଖି ଡରିଗଲା । ଏହା କହି ସେ ମା'ଙ୍କୁ ଆକାଶରେ ସେ ବିଚିତ୍ର ତାରାଟିକୁ ଦେଖାଇ ଦେଲା । ତାରାଟିକୁ ଦେଖି ବାପା କହିଲେ , 'ଏହା ଏକ ଲଞ୍ଜାତାରା । ଆମେ ଏହାକୁ ଦେଖିବା ଉଚିତ ନୁହେଁ । ଏହା ଦେଖିଲେ ଅଶୁଭ ହୋଇଥାଏ ବୋଲି କେତେକ ଲୋକ କହିଥାନ୍ତି । କିନ୍ତୁ ପ୍ରକୃତରେ ଏହା ତାରା ନୁହେଁ; ଏହା ଏକ ଧୂମକେତୁ ।' ସେଇଠୁଁ ମୁନା ପଚାରିଲା , 'ବାପା, ଧୂମକେତୁ କ'ଣ ?'

ବାପା କହିଲେ, 'ବୁଝାଇ କହୁଛି ଶୁଣ । ବାପା କହି ଚାଲିଲେ : 'ଧୂମକେତୁସବୁ ଗ୍ରହମାନଙ୍କ ଭଳି ଆମ ସୌରଜଗତର ଗୋଟିଏ ଗୋଟିଏ ସଦସ୍ୟ । ସେମାନେ ମଧ ଗ୍ରହମାନଙ୍କ ଭଳି ନିର୍ଦ୍ଦିଷ୍ଟ କକ୍ଷପଥରେ ସୂର୍ଯ୍ୟ ଚାରିପଟେ ଘୁରୁଥାନ୍ତି । ମାତ୍ର ସେମାନଙ୍କ କକ୍ଷପଥ ଅତିଶୟ ଚେପେଟା ହୋଇ ଥିବାରୁ ସେମାନେ ସୂର୍ଯ୍ୟର ଅତି ନିକଟବର୍ତ୍ତୀ ହୋଇ ପାରନ୍ତି । ଫଳରେ ପ୍ରଚଣ୍ଡ ସୂର୍ଯ୍ୟକିରଣରେ ସେମାନଙ୍କର କିଛି ଅଂଶ ଜଳି ପାଉଁଶ ପାଲଟିଯାଏ । ପୁଣି, ସୂର୍ଯ୍ୟର ପ୍ରଚଣ୍ଡ ବିକିରଣ ଜନିତ ଚାପରେ ସେହି ଭସ୍ମୀଭୂତ ପଦାର୍ଥ ସବୁ ଠେଲିହୋଇ ଧୂମକେତୁର ପଛପଟେ ଜମା ହୁଏ ଏବଂ ଲାଞ୍ଜ ଭଳି ଏକ ଅଦ୍ୱିତୀୟ ଅଙ୍ଗ ସୃଷ୍ଟି କରେ । ଲାଞ୍ଜ ଥିବାରୁ ଧୂମକେତୁଟିକୁ ଏବେ ଲଞ୍ଜାତାରା କୁହାଯାଏ ।' କୌଣସି ଧୂମକେତୁର ମୁଖ୍ୟତଃ ତିନୋଟି ଅଙ୍ଗ ଥାଏ, ଯଥା : ନାଭିକେନ୍ଦ୍ର, କମା ଓ ଲାଞ୍ଜ । ଧୂମକେତୁଟିର କେନ୍ଦ୍ରଭାଗକୁ ନାଭିକେନ୍ଦ୍ର କୁହାଯାଏ । ଏହା ମୁଖ୍ୟତଃ ବରଫରେ ଗଢ଼ା । ଏହାକୁ ଘେରି ଗ୍ୟାସ୍ ଓ ଧୂଳିର ଏକ ବିଶାଳକାୟ ବାଦଲ ରହିଥାଏ, ଯାହାକୁ କମା କହନ୍ତି । ଏହା ଧୂମକେତୁର ଦ୍ୱିତୀୟ ଅଙ୍ଗ । ମାତ୍ର ଧୂମକେତୁର ସବୁଠାରୁ ଦର୍ଶନୀୟ ଅଙ୍ଗ ହେଉଛି ଏହାର ଲାଞ୍ଜ । ଲାଞ୍ଜ ଥିବାରୁ ଏମାନଙ୍କୁ ମଧ ଲଞ୍ଜାତାରା କୁହାଯାଏ ।' ମୁନା ପୁଣି ପଚାରିଲା , 'ବାପା, ଧୂମକେତୁସବୁ କେତେ ପ୍ରକାରର ଓ ସେମାନେ କେଉଁଠାରୁ ଆସିଥାନ୍ତି ?' ବାପା କହିଲେ , 'ଭଲ ପ୍ରଶ୍ନଟିଏ ପଚାରିଲୁ । ଧୂମକେତୁ ମୁଖ୍ୟତଃ ଦୁଇ ପ୍ରକାରର ; ଯଥା ସ୍ୱଳ୍ପ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁ ଓ ଦୀର୍ଘ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁ । ସାଧାରଣତଃ ୧୦୦ ବର୍ଷରୁ କମ୍ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁକୁ ସ୍ୱଳ୍ପ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁ କୁହା ଯାଉଥିଲାବେଳେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁକୁ ଦୀର୍ଘ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁ କହନ୍ତି । ସ୍ୱଳ୍ପ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁସବୁ ବୃହସ୍ପତି ଗ୍ରହ କକ୍ଷପଥ ନିକଟରେ ଥିବା ଏକ ବଳୟାକାର ଅଞ୍ଚଳ କୁଇପର୍ ବେଲ୍ଟରୁ ଆସୁଥିଲାବେଳେ ଦୀର୍ଘ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁସବୁ ବହୁ ଦୂରରୁ, ଏପରିକି ନେପଚ୍ୟୁନ୍ ଗ୍ରହର କକ୍ଷପଥ ବାହାରେ ଥିବା ଉର୍ଟ ବାଦଲ ନାମକ ଏକ ଇଲାକାରୁ ଜନ୍ମ ହୋଇ ଆମ ସୌରଜଗତକୁ ଆସିଥାନ୍ତି ।'

ସେଇଠୁ ମୁନା ପଚାରିଲା , 'ବାପା, ବୁଝି ପାରିଲି । ହେଲେ ଏଥରକ କୁହ , ଧୂମକେତୁସବୁକୁ ଆମେ କାହିଁକି ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରିବା ?' ବାପା କହିଲେ , 'ଭଲ ପ୍ରଶ୍ନଟିଏ ପଚାରିଲୁ, କହୁଛି ଶୁଣ । ଧୂମକେତୁର ନାଭିକେନ୍ଦ୍ର ଗୋଟିଏ ବିରାଟ ବରଫ ପାହାଡ଼ ହୋଇଥିବାରୁ ସେଥିରେ ଯଥେଷ୍ଟ ଜଳ ଗଚ୍ଛିତ ଥାଏ । ଅତୀତରେ ସମ୍ଭବତଃ ସେପରି କୌଣସି ଧୂମକେତୁ ଛୁଟି ଆସି ଆମ ପୃଥିବୀ ସହିତ ସଂଘର୍ଷ ହୋଇ ପୃଥିବୀକୁ ବିପୁଳ ଜଳ ସ୍ଥାନାନ୍ତରିତ କରିଥିଲା । ସୁତରାଂ ଆମ ପୃଥିବୀର ସମସ୍ତ ଜଳରାଶି କୌଣସି ଧୂମକେତୁରୁ ଆସିଛି ବୋଲି ଅନୁମାନ କରାଯାଏ । ଆହୁରି ମଧ, ଧୂମକେତୁସବୁ ଆକାଶର ସମସ୍ତ ଦିଗରେ ଗତି କରୁଥିବାରୁ ସେସବୁର ପୃଥିବୀ ସହିତ ସଂଘର୍ଷର ସମ୍ଭାବନା ରହିଛି । ପ୍ରାୟ ୬୫ ନିୟୁତ ବର୍ଷ ପୂର୍ବେ ଆମ ପୃଥିବୀ ସହିତ ଏହିପରି ଏକ ଧୂମକେତୁର ସଂଘର୍ଷ ଘଟିବାରୁ ଡାଏନୋସରମାନଙ୍କ ସମୂହ ବିଲୁପ୍ତି ଘଟିଥିଲା । ତେଣୁ ଆମ ଦୃଶ୍ୟମାନ ଅନ୍ତରୀକ୍ଷ ମଧରେ ଧୂମକେତୁମାନଙ୍କୁ ନିରନ୍ତର ପର୍ଯ୍ୟବେକ୍ଷଣ କରିବାର ଆବଶ୍ୟକତା ରହିଛି । ଆହୁରି ମଧ ଧୂମକେତୁଗୁଡିକ ବହୁ ଦୂରରୁ ଅସୁଥିବାରୁ ଅନ୍ତରୀକ୍ଷର ଶୀତଳତମ ତାପମାତ୍ରାରେ ସେଥିରେ ଥିବା ପଦାର୍ଥସବୁ ଆଣବିକ ସ୍ତରରେ ପରିବର୍ତ୍ତିତ ନ ହୋଇ ସୃଷ୍ଟି ଆରମ୍ଭର ସେହି ଆଦିମ ଓ ଅକ୍ଷତ ଅବସ୍ଥାରେ ଅଟକି ରହିଥାନ୍ତି । ସୁତରାଂ ଧୂମକେତୁଗୁଡିକର ଅଧ୍ୟୟନ ଦ୍ୱାରା ବିଶ୍ୱର ସୃଷ୍ଟି ସମ୍ପର୍କରେ ଅନେକ ରହସ୍ୟଘେରା ଓ ଅସମାହିତ ତଥ୍ୟ ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ବିଶ୍ୱାସ କରାଯାଏ,' ବାପା ବୁଝାଇ ଦେଲେ ।



"ସାଧାରଣତଃ ୧୦୦ ବର୍ଷରୁ କମ୍ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁକୁ ସ୍ୱଳ୍ପ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁ କୁହା ଯାଉଥିଲାବେଳେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁକୁ ଦୀର୍ଘ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁ କହନ୍ତି । ସ୍ୱଳ୍ପ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁସବୁ ବୃହସ୍ପତି ଗ୍ରହ କକ୍ଷପଥ ନିକଟରେ ଥିବା ଏକ ବଳୟାକାର ଅଞ୍ଚଳ କୁଇପର୍ ବେଲ୍ଟରୁ ଆସୁଥିଲାବେଳେ ଦୀର୍ଘ ଆବର୍ତ୍ତକାଳ ବିଶିଷ୍ଟ ଧୂମକେତୁସବୁ ବହୁ ଦୂରରୁ, ଏପରିକି ନେପଚ୍ୟୁନ୍ ଗ୍ରହର କକ୍ଷପଥ ବାହାରେ ଥିବା ଉର୍ଟ ବାଦଲ ନାମକ ଏକ ଇଲାକାରୁ ଜନ୍ମ ହୋଇ ଆମ ସୌରଜଗତକୁ ଆସିଥାନ୍ତି"

ବାପାଙ୍କ ଉତ୍ତରରେ ମୁନା ଏଥର ଧୂମକେତୁ ସମ୍ପର୍କରେ ଅନେକ କଥା ବୁଝି ପାରିଥିଲା । ସେ ଆହୁରି ମଧ ବୁଝି ପାରିଥିଲା ଯେ , ଧୂମକେତୁସବୁ ତାରାଗ୍ରହଙ୍କ ଭଳି ଗୋଟିଏ ଗୋଟିଏ ମହାକାଶୀୟ ପିଣ୍ଡ । ତେଣୁ ସେମାନଙ୍କ ଆବିର୍ଭାବ ସହିତ କୌଣସି ବିଶ୍ୱାସ ଅନ୍ଧବିଶ୍ୱାସ ଜଡିତ ହେବା ଉଚିତ ନୁହେଁ । ପୁଣି ସେମାନଙ୍କୁ ଆକାଶରେ ଦେଖିଲେ ଡରି ନ ଯାଇ ସେମାନଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ପର୍ଯ୍ୟବେକ୍ଷଣ କରିବା କଥା ।

ସୁତରାଂ ଧୂମକେତୁ ଭଳି ଜ୍ୟୋତିର୍ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୁଝି ପାରିଥିବାରୁ ମୁନାର ମନ ଭାରି ଖୁସିଥାଏ ସେଦିନ ।

*–ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*
*ମୋ : ୮୯୧୭୬୩୭୯୭୪*



# ଆ ଇ ନା



ଆଞ୍ଚଲ ମଲ୍ଲିକ
୩ ବର୍ଷ, ସୋନପୁର

ଇଶାନୀ ସାଇଶର୍ମା
୯ ବର୍ଷ, ଗଞ୍ଜାମ

